ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

06th March, 2020

# ଆଇଆଇଟିରେ 'କରୋନା' ସଚେତନତା ଶିବିର

ଜଟଣୀ, ୫।୩(ନି.ପ୍ର): ଆଇଆଇଟି କ୍ୟାମ୍ପସ୍‌ରେ 'କରୋନା' ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ଏମସ୍ ର ମାଇକ୍ରୋବାୟୋଲୋଜି ବିଭାଗର ଏଚଓଡ଼ି ପ୍ରଫେସର ଡ଼.ବୈଜୟନ୍ତିବାଲା ମିଶ୍ର ଯୋଗ ଦେଇ କରୋନା ରୋଗର କାରଣ ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଏବଂ ସୁସ୍ଥ ସମାଜ ସୃଷ୍ଟି କରିବା ସହ ସୋସିଆଲ ମିଡ଼ିଆରେ ରୋଗର ଗୁଜବ ପ୍ରତି କାନ ନଦେବାକୁ ଆଇଆଇଟିର ନିର୍ଦ୍ଦେଶକ ସତର୍କ କରାଇଥିଲେ। କରୋନା ଭାଇରସ୍ ର ଦିଗ,ସଂକ୍ରମଣ ଏବଂ ଏହାର ପ୍ରତିଷେଧକ ବ୍ୟବସ୍ଥା ଏବଂ ସୁସ୍ଥ ରହିବାକୁ ଡ଼.ପ୍ରଫେସର ମିଶ୍ର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଇଆଇଟିର ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା,ପ୍ରଫେସର ସୁଜିତ କୁମାର ରାୟ, ପ୍ରଫେସର ଡ଼.ଭି.ଆର.ପିଡ଼ିରେଡ଼ି, ଡ଼.ସ୍ୱରୁପ କୁମାର ମହାପାତ୍ର,ପ୍ରଫେସର ସରୋଜ କୁମାର ନାୟକ,ଡ଼.ପି.ଆର.ସାହୁ,ଆଇଆଇଟିର କୂଳ ସଚୀବ ସୁବୋଧ କୁମାର ଏବଂ ଯୁଗ୍ମ କୂଳ ସଚୀବ ଦେବରାଜ ରଥ ଓ ଛାତ୍ର ଛାତ୍ରୀ ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।